


Notes

# ୨୧

# ଜନମତ ଓ ଚାପଗୋଷ୍ଠୀ

ଜନସାଧାରଣଙ୍କ ଉଦ୍ଦେଶ୍ୟ, ସ୍ୱାର୍ଥ ଏବଂ ମତ ଗଣତନ୍ତ୍ରର ମୂଖ୍ୟ ଆଧାର ରୂପେ କାର୍ଯ୍ୟ କରେ । କେତେଗୁଡ଼ିଏ ଗୋଷ୍ଠୀ ଏବଂ ସଂଘ ନିଜ ନିଜର ନିର୍ଦ୍ଦିଷ୍ଟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପ୍ରଭାବ ବିସ୍ତାର କରୁଛନ୍ତି । ଜନସାଧାରଣଙ୍କ ଦ୍ୱାରା ପ୍ରକାଶିତ ମତକୁ ଆଧାର କରି ସେମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ସରକାରୀ କଳ ପ୍ରଶାସନ କାର୍ଯ୍ୟ ପରିଚାଳନା କରନ୍ତି । ତେଣୁ କୁହାଯାଏ ଯେ ଗଣତନ୍ତ୍ର ଜନସାଧାରରଙ୍କ ମତକୁ ଭତ୍ତିକରି ତିଷ୍ଠି ରହେ । ପ୍ରକୃତରେ ଗଣତନ୍ତ୍ର ହେଉ ଅବା ଅନ୍ୟ ଯେକୌଣସି ବ୍ୟବସ୍ଥା ଜନସାଧାରରଙ୍କ ସ୍ୱାର୍ଥ ଏବଂ ମତାମତକୁ ଅବଜ୍ଞା କରି କୌଣସି କାର୍ଯ୍ୟ କରିପାରିବ ନାହିଁ । ଜନସାଧାରଣଙ୍କ ଅନୁଭବକୁ ପ୍ରାୟ ସମସ୍ତ ସରକାରୀ ବ୍ୟବସ୍ଥା ସମ୍ମାନ ଦେଇଥାନ୍ତି । ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ସମସ୍ୟା ସମ୍ପର୍କରେ ଅବଗତ ହେବା ପାଇଁ ସବୁପ୍ରକାର ସରକାର ପ୍ରାୟତଃ ଆଗ୍ରହ ପ୍ରକାଶ କରିଥାନ୍ତି । ଚାପଗୋଷ୍ଠୀ ଏବଂ ଜନମତ ପ୍ରତ୍ୟେକ ରାଜନୈତିକ ବ୍ୟବସ୍ଥାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଆମେ ବର୍ତ୍ତମାନ ଜନମତ ଏବଂ ଚାପଗୋଷ୍ଠୀର ବିଭିନ୍ନ ଦିଗ ବିଷୟରେ ଏହି ବିଭାଗରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ବିଷୟ ଅଧ୍ୟୟନ ଦ୍ୱାରା ଆମେ ନିମ୍ନଲିଖିତ ବିଷୟରେ ଜାଣିବାକୁ ସକ୍ଷମ ହେବା —

- ଜନମତର ଅର୍ଥ ଏବଂ ବୈଶିଷ୍ଟ୍ୟର ବର୍ଣ୍ଣନା;
- ଜନମତର ଉପାଦେୟତା ଏବଂ ଭୂମିକାକୁ ସ୍ୱୀକୃତି ପ୍ରଦାନ;
- ଜନମତ ଗଠନର ପ୍ରମୁଖ ମାଧ୍ୟମଗୁଡ଼ିକ ବିଷୟରେ ଅଧ୍ୟୟନ;
- ସୁସ୍ଥ ଜନମତ ଗଠନର ପ୍ରତିବଂଧକଗୁଡ଼ିକୁ ପରିଚିତ କରାଇବା;
- ଚାପଗୋଷ୍ଠୀର ଉପାଦେୟତା (ଭାରତରେ) ବିଷୟରେ ଜାଣିବା;
- ରାଜନୈତିକ ଦଳ ଏବଂ ଚାପଗୋଷ୍ଠୀ ମଧ୍ୟରେ ପାର୍ଥକ୍ୟ ସୂଚାଇବା;
- ଭାରତୀୟ ପରିପ୍ରେକ୍ଷୀରେ ଚାପଗୋଷ୍ଠୀ ଏବଂ ଜନମତର ମୂଲ୍ୟାୟନ ।

## ୨୧.୧ ଜନମତର ଅର୍ଥ ଏବଂ ବୈଶିଷ୍ଟ୍ୟ

ସାଧାରଣ ଅର୍ଥରେ ଜନମତ କହିଲେ, ଜନସାଧାରଣଙ୍କ ମତକୁ ଜନମତ ବୋଲି ଆମ୍ଭେମାନେ ବୁଝିଥାଉ । କିନ୍ତୁ ବ୍ୟକ୍ତିମାନଙ୍କୁ ଜନସାଧାରଣ ବୋଲି କୁହାଯାଇପାରିବ ନାହିଁ । କାରଣ ଜଣେ ବ୍ୟକ୍ତି ଜନସାଧାରଣଙ୍କୁ

ବୁଝାଏ ନାହିଁ । ପ୍ରକୃତରେ ଅନେକ ଜନସାଧାରଣ ଥିବାର ଦେଖାଯାଏ । ସମଗ୍ର ଜନସାଧାରଣ ଏକ ପ୍ରକାର ମତକୁ ଭିତ୍ତି କରି ଗୋଟିଏ ମତ ପ୍ରକାଶ କରି ପାରନ୍ତି ନାହିଁ । ତେଣୁ ଜନସାଧାରଣଙ୍କୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ବ୍ୟକ୍ତି ବୋଲି କୁହାଯାଇ ପାରିବ ନାହିଁ । ତେଣୁ 'ଜନସାଧାରଣ' କହିଲେ ଏକ ପ୍ରକାର ସ୍ୱାର୍ଥ ସମ୍ମିଳିତ ତଥା ଗୋଟିଏ ସାଧାରଣ ସ୍ୱାର୍ଥର ଅଂଶୀଦାର ହୋଇଥିବା ଏକ ଗୋଷ୍ଠୀକୁ ବୁଝାଏ । ଏହା ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ସମମତ ଓ ଦୃଷ୍ଟି ଭଙ୍ଗୀ ପ୍ରଦର୍ଶନ କରନ୍ତି ।

ତେଣୁ 'ଜନମତ' କହିଲେ ସମଗ୍ର ଜନସାଧାରଣଙ୍କ ମତ ବୋଲି କୁହାଯାଇ ପାରିବନି । ଏହା ମଧ୍ୟ ସଂଖ୍ୟାଗରିଷ୍ଠଙ୍କ ମତ ନୁହେଁ । ଯେହେତୁ ଅନେକ ଗୋଷ୍ଠୀର ଜନସାଧାରଣ ଥିବାର, ଦେଖାଯାଉଥିବାରୁ ଭିନ୍ନ ଭିନ୍ନ ମତ ଏବଂ ସମସ୍ୟା ରହିବା ସ୍ୱାଭାବିକ ଅଟେ । 'ଜନମତ' ତେଣୁ ବିଭିନ୍ନ ମତକୁ ପ୍ରତିଫଳିତ କରିଥାଏ ।

ଜଣେ ଯେତେ ସମ୍ମାନସ୍ପଦ ବ୍ୟକ୍ତି ହୋଇଥିଲେ ହେଁ ତା'ର ମତ ଯେ ଜନମତ ନୁହେଁ ଏକଥା ମନେ ରଖିବାକୁ ହେବ । ଏହା ଏକ ବ୍ୟକ୍ତିଗତ ମତ ନୁହେଁ ଆଉ ମଧ୍ୟ expert ଙ୍କ ମତ ନୁହେଁ । ଅତଏବ ଜନମତ ହେଉଛି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ କିମ୍ବା ବହୁ ଗୋଷ୍ଠୀଙ୍କର ସାଧାରଣ ସମସ୍ୟା ସମ୍ପର୍କରେ ସଂଗଠିତ ମତ । ଏହା ସାଧାରଣ ଅର୍ଥରେ ଉଭୟ ସାଧାରଣ ଏବଂ ମତ । ଏହା ଏକ ପ୍ରଚାର କିମ୍ବା ଜନ ସମ୍ପର୍କ ପ୍ରକ୍ରିୟା ନୁହେଁ ।


## ଜନମତର ବୈଶିଷ୍ଟ୍ୟ :

- ଜନମତ ଏକ ସର୍ବ ସମ୍ମତ ମତ ନୁହେଁ, ବରଂ ଏକ ନିର୍ଦ୍ଦିଷ୍ଟ ସମସ୍ୟା ସମ୍ପର୍କୀତ ଏକ ସାଧାରଣ ଚୁକ୍ତି ଅଟେ ।
- ଏହା ନୂତନ ସୂଚନା, ସମୟ ଏବଂ ପରିସ୍ଥିତିକୁ ଭିତ୍ତି କରି ପରିବର୍ତ୍ତନ ହୋଇପାରେ ।
- ଜନମତ ସର୍ବଦା ରାଜନୈତିକ ପ୍ରକ୍ରିୟା ସମ୍ପର୍କିତ ମତ ହୋଇନପାରେ ବରଂ ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ସମସ୍ୟାକୁ ଭିତ୍ତିକରି ଏହା ସୃଷ୍ଟି ହୋଇ ପାରେ ।
- ଏହା ଏକ ନିର୍ଦ୍ଦିଷ୍ଟ ରୂପ ନେବା ପୂର୍ବରୁ ଦରକାର ପଡ଼ିଲେ ସାମୟିକ ପରିବର୍ତ୍ତନ ବୁଝାମଣା ଏବଂ ନିର୍ଦ୍ଦିଷ୍ଟତାର ବାଟ ଦେଇ ଗତି କରିପାରେ ।
- ଜନମତ ନିଶ୍ଚିତ ଭାବରେ ଭିନ୍ନ ଭିନ୍ନ ମତକୁ ପ୍ରତିଫଳିତ କରେ ।
- ଏଥି ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ଭୂଖଣ୍ଡର ଆବଶ୍ୟକତା ପଡ଼େନାହିଁ ।
- ଜନମତ ଗଣତାନ୍ତ୍ରିକ ପ୍ରବାହମାନଙ୍କୁ ନିଶ୍ଚିତ କରାଏ ।
- ଜନମତ ସମାଜର ଏକବର୍ଗର ସୁଚିନ୍ତିତ ଓ ଯୁକ୍ତିଯୁକ୍ତ ମତ ଅଟେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୧.୧

(କ) ଜନସାଧାରଣ କହିଲେ ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗର ଜନସାଧାରଣଙ୍କୁ ବୁଝାଏ । ଯେଉଁଠି __________ ସ୍ୱାର୍ଥ ପାଇଁ ପରସ୍ପର ଅଂଶୀଦାର ହୋଇଥାନ୍ତି । (ସାଧାରଣ / ନିର୍ଦ୍ଦିଷ୍ଟ)

(ଖ) ସାଧାରଣ ସମସ୍ୟା ଜଡ଼ିତ ଜନମତ ହେଉଛି __________ ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ କିମ୍ବା ଅନେକ ଗୋଷ୍ଠୀର ମତ । (ସଂଗଠିତ ଏବଂ ଚିନ୍ତାଶୀଳ / ବ୍ୟକ୍ତିଗତ ଏବଂ ନିର୍ଦ୍ଦିଷ୍ଟ)



(ଗ) ଜନମତ ସାଧାରଣ ସହମତି ଭିତ୍ତିରେ ସମଗ୍ର ଜନସାଧାରଣଙ୍କ ମତ ________ (ନୁହେଁ / ଅଟେ)

(ଘ) ଜନମତ ପାଇଁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ଭୂଖଣ୍ଡର ଆବଶ୍ୟକତା ________ ।

(ପଡ଼ିଥାଏ/ ପଡ଼ିନଥାଏ)

## ୨୧.୨ ଜନମତର ଉପାଦେୟତା ଏବଂ ଭୂମିକା

ଏକ ଗଣତାନ୍ତ୍ରିକ ପ୍ରକ୍ରିୟାର ସଫଳ କାର୍ଯ୍ୟକାରିତା ପାଇଁ ଜନମତ ଏକ ଆବଶ୍ୟକୀୟ ଉପାଦାନ ଅଟେ । ଜନମତ ହେଉଛି ନାଗରିକମାନଙ୍କ ସାଧାରଣ ମତ, କୌଣସି ସରକାର ଏହାକୁ ଅବଜ୍ଞା କରିପାରିବେ ନାହିଁ । ସ୍ୱେଚ୍ଛାଚାରୀ ଶାସନକର୍ତ୍ତାଙ୍କ ମନମୁଖୀ କାର୍ଯ୍ୟକୁ ଉକ୍ତ ଜନମତ ମଧ୍ୟ ଦୋହଲାଇ ଦେଇପାରେ । ଜନସାଧାରଣଙ୍କ ମସ୍ତିକ ବଳକୁ ସମ୍ମାନ ଦେଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଦୃଢ଼ ହୋଇଥାଏ । ମିଳିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ଚିନ୍ତାଧାରା ବା ମତ ବିନିମୟ ଆବଶ୍ୟକ ହୋଇଥାଏ । ଗଣତନ୍ତ୍ରର ଏହି ଲକ୍ଷ୍ୟ ପୂରଣ ପାଇଁ ଜନମତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ସମସ୍ୟାଗୁଡ଼ିକ ସମ୍ପର୍କରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣର ପରୀକ୍ଷା ନିରୀକ୍ଷା କରିବା ଦ୍ୱାରା ଏହା ଜନସାଧାରଣଙ୍କ ମଧ୍ୟରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରେ । ଅତଏବ ଜନମତର ଉପାଦେୟତା ଏବଂ ଭୂମିକା ଗୁଡ଼ିକୁ ନିମ୍ନ ଲିଖିତ ମତେ ବର୍ଣ୍ଣନା କରାଯାଇପାରେ ।

**(କ) ସରକାରଙ୍କ ମାର୍ଗଦର୍ଶକ :** ଜନମତ ସରକାରଙ୍କ ମାର୍ଗଦର୍ଶକ ରୂପେ ନୀତି ନିର୍ଦ୍ଧାରଣ ସୃଷ୍ଟିରେ ସାହାଯ୍ୟ କରେ । ସରକାର ସାଧାରଣତଃ ସଂଖ୍ୟାଧିକ ମତଦାତାଙ୍କ ଅନୁପାତକୁ ଭିତ୍ତିକରି ନିର୍ବାଚନରେ ଜିତିଥାନ୍ତି ଏବଂ ସମସ୍ତଙ୍କ ମନ ଜିଣି ନିର୍ବାଚନ ବେଳେ ସେମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପାଳନ କରିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରିଥାନ୍ତି ।

**(ଖ) ଶାସନର ସତର୍କ ପ୍ରହରୀ :** ଜନମତ ଶାସନର ପ୍ରହରୀ ରୂପେ କାର୍ଯ୍ୟ କରେ । ସରକାରଙ୍କ ଦାୟିତ୍ୱହୀନତାକୁ ଏହା ନିୟନ୍ତ୍ରଣ କରେ ଏବଂ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଗୁଡ଼ିକୁ ସମାଲୋଚନା କରିବା ସହ ସରକାରଙ୍କୁ ସର୍ବଦା ସତର୍କ ରଖେ । ସରକାର ଏ କଥା ଭଲ ଭାବେ ଜାଣନ୍ତି ଯେ ଯଦି ସେମାନେ କେବେ ଜନସାଧାରଣଙ୍କ ଇଚ୍ଛା ବିରୁଦ୍ଧରେ ଯାଆନ୍ତି, ତେବେ ଜନସାଧାରଣ ସମୋନଙ୍କୁ ପୁନର୍ବାର ମତଦାନ କରି କ୍ଷମତାକୁ ଆଣିବେ ନାହିଁ ।

**(ଗ) ଆଇନ ପ୍ରଣୟନରେ ସହାୟତା :** ସରକାର ସର୍ବଦା ଜନମତ ଚାପରେ ସର୍ବସାଧାରଣ ସ୍ୱାର୍ଥ ଜଡ଼ିତ ଆଇନ ପ୍ରଣୟନ କରିବାକୁ ବାଧ୍ୟ ହୁଅନ୍ତି । ଜନମତ ଦ୍ୱାରା ସରକାରୀ ନୀତି ଗୁଡ଼ିକ ବିଭିନ୍ନ ସମସ୍ୟାରେ ପ୍ରଭାବିତ ହୋଇଥାଏ । ନିର୍ଦ୍ଦିଷ୍ଟ ପରିସ୍ଥିତିରେ ସରକାର ଜନମତକୁ ଆଧାର କରି ଆଇନ ପ୍ରଣୟନ କରିଥାନ୍ତି ।

**(ଘ) ଅଧିକାର ଏବଂ ସ୍ୱତନ୍ତ୍ରତାକୁ ସୁରକ୍ଷା ପ୍ରଦାନ କରେ :** ଜନମତ ନାଗରିକମାନଙ୍କ ଅଧିକାର ଓ ସ୍ୱତନ୍ତ୍ରତାକୁ ସୁରକ୍ଷା ପ୍ରଦାନ କରିଥାଏ । ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରଙ୍କୁ ନିଜସ୍ୱ ଢଙ୍ଗରେ ସମାଲୋଚନା କରିବା ଅଧିକାର ଜନସାଧାରଣଙ୍କ ହାତରେ ନ୍ୟସ୍ତଥାଏ । ସରକାରକୁ ଉତ୍ସାହିତ ଏବଂ ଅନୁପ୍ରାଣିତ କରି ଜନସାଧାରଣଙ୍କ ଅଦ୍‌କାର ଓ ସ୍ୱାଧୀନତାକୁ ଉଦ୍‌ଜୀବିତ ରଖିବାରେ ଜନମତର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

**(ଙ) ଆନ୍ତର୍ଜାତୀୟ କ୍ଷେତ୍ରରେ ଏକ ଶକ୍ତିଶାଳୀ ଅସ୍ତ୍ର ରୂପେ କାର୍ଯ୍ୟକରେ :** ଜନମତ ପ୍ରଭାବ ବିଶ୍ୱବ୍ୟାପି । ପ୍ରକୃତରେ ଆନ୍ତର୍ଜାତିକ ସମ୍ପର୍କ ଅନେକାଂଶରେ ଜନମତ ଦ୍ୱାରା ପ୍ରଭାବିତ । ସାଂପ୍ରତିକ ଜଗତୀକରଣ



Notes

ଯୁଗରେ ମାନବିକ ଅଧିକାରର ଉପଯୋଗ ଏବଂ ସୁରକ୍ଷା, ପରିବେଶ ଏବଂ ଜାତି ଧର୍ମ ବର୍ଣ୍ଣ ଲିଙ୍ଗ ବାସସ୍ଥାନ ନିର୍ବିଶେଷରେ ଭେଦଭାବର ଅନୁପସ୍ଥିତି, ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଏବଂ ଆତଙ୍କବାଦ ଭଳି ଅନେକ ସ୍ପର୍ଶ କାତର ସମସ୍ୟାଗୁଡ଼ିକ ଉପରେ ବିଶ୍ୱବ୍ୟାପି ଜନମତ ସୃଷ୍ଟି ହେବା ଫଳରେ ଆନ୍ତର୍ଜାତୀୟ ରାଷ୍ଟ୍ର ସମାଜ ଜନମତକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୧.୨

**୧। ଶୂନ୍ୟସ୍ଥାନ ପୂରଣ କର ।**

(କ) ଆଇନ ପ୍ରସ୍ତୁତି ଏବଂ ଏହାର ପ୍ରଣୟନ ବେଳେ ସରକାର ________ କୁ ବେଶି ଗୁରୁତ୍ୱ ପ୍ରଦାନ କରିଥାନ୍ତି । (ଜନମତ / ରାଜନୈତିକ ଦଳର ମତ)

(ଖ) ଜନମତ ଶାସନ ଏବଂ ସରକାରଙ୍କ ________ ରୂପେ କାର୍ଯ୍ୟ କରିଥାଏ ।

(ସତର୍କ ପ୍ରହରୀ / ବନ୍ଧୁ)

(ଗ) ଆଜିକାଲି ସରକାର ଆନ୍ତର୍ଜାତୀୟ ଜନମତ ପ୍ରତି ________ । (ବେଶି ସଚେତନ/ସଚେତନ ନୁହଁନ୍ତି)

**୨। 'ସତ୍ୟ' କିମ୍ବା 'ମିଥ୍ୟା' ଲେଖ ।**

(କ) ସରକାର ଜନମତକୁ ସହଜରେ ଅବଜ୍ଞା ବା ଅଣଦେଖା କରିପାରନ୍ତି । (ସତ୍ୟ / ମିଥ୍ୟା)

(ଖ) ଜନମତ ସରକାରଙ୍କ ସ୍ୱେଚ୍ଛାଚାରିତାକୁ ଲଗାମ ଲଗାଏ । (ସତ୍ୟ / ମିଥ୍ୟା)

(ଗ) ଜନସାଧାରଣଙ୍କ ଅଧିକାର ଏବଂ ସ୍ୱାଧୀନତାର ସୁରକ୍ଷା କ୍ଷେତ୍ରରେ ଜନମତର କୌଣସି ପ୍ରଭାବ ନଥାଏ । (ସତ୍ୟ / ମିଥ୍ୟା)

(ଘ) ଆନ୍ତର୍ଜାତୀୟ ସମ୍ପର୍କ ଜନମତ ଦ୍ୱାରା ପ୍ରଭାବିତ । (ସତ୍ୟ/ମିଥ୍ୟା)

## ୨୧.୩ ଜନମତ ସୃଷ୍ଟି

ଏକ ସ୍ୱୟଂସିଦ୍ଧ କିମ୍ବା ନିର୍ଦ୍ଦିଷ୍ଟ ପଦ୍ଧତିରେ ଜନମତ ସୃଷ୍ଟି ହୁଏ ନାହିଁ । ସର୍ବସାଧାରଣ ସ୍ୱାର୍ଥ ସମ୍ବଳିତ ସମସ୍ୟା ଉପୁଜିଲେ ସମାଜରେ ଥିବା ବିଭିନ୍ନ ବର୍ଗର ଜନସାଧାରଣ ସେମାନଙ୍କ ମତାମତ ବ୍ୟକ୍ତ କରିଥାନ୍ତି । ଏହି ପ୍ରକ୍ରିୟାରେ କେତେକ ମତାମତ ଅନେକଙ୍କ ଦୃଷ୍ଟି ଆକର୍ଷଣ କରି ଜନମତ ସୃଷ୍ଟି କରେ । ଜନମତ ସୃଷ୍ଟିର ଅନେକ ସାଧାରଣ ଏବଂ ଅସାଧାରଣ ମାଧ୍ୟମ ରହିଛି ।

### ୨୧.୩.୧ ରାଜନୈତିକ ସାମାଜିକୀକରଣ :

ରାଜନୈତିକ ସାମାଜିକ କରଣ ଏପରି ଏକ ପ୍ରକ୍ରିୟା ଯାହା ମାଧ୍ୟମରେ ବ୍ୟକ୍ତି ରାଜନୈତିକ ଦୃଷ୍ଟିକୋଣରୁ ନିଜର ଦୃଷ୍ଟିଭଙ୍ଗୀ ସୃଷ୍ଟି କରେ । ଜଣେ ବ୍ୟକ୍ତି ପରିବାର, ପାଖପଡ଼ୋଶୀ, ବନ୍ଧୁବର୍ଗ ଏବଂ ନିଜ ଅଂଚଳ ତଥା ରାଜ୍ୟରେ ଚଳିବା ଏବଂ ବଢ଼ିବାର ସୁଯୋଗ ପାଇଥାଏ । ବିଭିନ୍ନ ଗୋଷ୍ଠୀ ସହ ସମ୍ପର୍କିତ ହେବା ଫଳରେ ତା'ର ଦୃଷ୍ଟିଭଙ୍ଗୀ, ମୂଲ୍ୟବୋଧ ଏବଂ ବିଶ୍ୱାସ ରାଜନୈତିକ ବ୍ୟବସ୍ଥା ପ୍ରତି ବଢ଼ିଚାଲେ ଏବଂ ଗୋଷ୍ଠୀଭୁକ୍ତ ହେବା ଫଳରେ ଏକ ନିର୍ଦ୍ଦିଷ୍ଟ ରୂପରେଖ ନିଏ । ପରିବାର ଏବଂ ବନ୍ଧୁବର୍ଗ (ସାଙ୍ଗସାଥି) ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହାର ପ୍ରଭାବ ବ୍ୟକ୍ତିଗତ ମତ ଗଠନ କରିବାରେ ମୁଖ୍ୟ ଭୂମିକା ନେଇ ବ୍ୟକ୍ତିର ରାଜନୈତିକ ବ୍ୟବସ୍ଥା ପ୍ରତି ପ୍ରତିକ୍ରିୟା ସୃଷ୍ଟିକାରିବାରେ ସହାୟକ ହୋଇଥାଏ ।





## ୨୩.୩.୨ ସମ୍ବାଦପତ୍ର ଏବଂ ପତ୍ରପତ୍ରିକା :

ମୁଦ୍ରଣ ମାଧ୍ୟମ ଯଥା ସମ୍ବାଦପତ୍ର, ପ୍ରତପତ୍ରିକା, ପ୍ରଚାରପତ୍ର, ଚିତ୍ରଯୁକ୍ତ ପ୍ରଚାର ପତ୍ର ଇତ୍ୟାଦିକୁ ସମ୍ବାଦ ପତ୍ରର ମାଧ୍ୟମ ବୋଲି କୁହାଯାଏ । ପୃଥିବୀରେ ଘଟୁଥିବା ବିଭିନ୍ନ ସାମାଜିକ ଏବଂ ରାଜନୈତିକ ଘଟଣାବଳୀ ବିଷୟରେ ତଥ୍ୟ ପ୍ରଦାନ କରିବାରେ ସମ୍ବାଦ ପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସଦ୍ୟ ଘଟିତ ଘଟଣାବଳୀ ଉପରେ ଦୃଷ୍ଟିଭଙ୍ଗୀ ନିକ୍ଷେପ ଏହା ମାଧ୍ୟମରେ ସଂଗଠିତ ହୋଇଥାଏ । ଜନସାଧାରଣଙ୍କ ମତକୁ ସରକାରଙ୍କ ନିକଟରେ ପହଞ୍ଚାଇବାର ପ୍ରମୁଖ ମାଧ୍ୟମ ରୂପେ ସମ୍ବାଦପତ୍ର କାର୍ଯ୍ୟ କରିବା ସହ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନର ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିଥାଏ । ଜନସାଧାରଣ ସେମାନଙ୍କ ମତ ଗୁଡ଼ିକୁ ସମାଲୋଚନା ବା Comment କଟୁକ୍ତି ସମ୍ବାଦପତ୍ର ଦ୍ୱାରା ପ୍ରକାଶିତ କରିଥାନ୍ତି ଏବଂ ଏହାଦ୍ୱାରା ସରକାର ଦାୟିତ୍ୱ ସମ୍ପନ୍ନ ହେବା ସହ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହୋଇଥାନ୍ତି । ପ୍ରକୃତରେ ସରକାର ମଧ୍ୟ ନିଜର ନୀତି ଓ କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ ସମ୍ବାଦପତ୍ର ଜରିଆରେ ପ୍ରକାଶ କରନ୍ତି ଏବଂ ନିଜର ସଫଳତାର ଡିଣ୍ଡିମ ପିଟି ଜନମତକୁ ନିଜ ସପକ୍ଷରେ ଆଣିବାକୁ ଚେଷ୍ଟା କରିଥାନ୍ତି ।

## ୨୧.୩.୩ ବେତାର ଏବଂ ଦୂରଦର୍ଶନ :

ବୈଦ୍ୟୁତିକ ଗଣମାଧ୍ୟମ ଯଥା, ବେତାର ଓ ଦୂରଦର୍ଶନ ସାମାଜିକ ଜୀବନର ପ୍ରତିଛବି ରୂପେ କାର୍ଯ୍ୟକରେ । ସମ୍ବାଦପତ୍ର କେବଳ ଶିକ୍ଷିତମାନଙ୍କୁ ପ୍ରଭାବିତ କରିପାରୁଥିଲା ବେଳେ ବୈଦ୍ୟୁତିକ ଗଣମାଧ୍ୟମ ଅଶିକ୍ଷିତ ଲୋକମାନଙ୍କ ପାଇଁ ସୂଚନା ପ୍ରଦାନ, ସୂଚନା ସଂଗ୍ରହ କରି ସେମାନଙ୍କ ଚିନ୍ତା ଓ ଚେତନା ବୃଦ୍ଧି ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମରେ ଏକ କ୍ଷମତାଶାଳୀ ମାଧ୍ୟମ ରୂପେ ସାମାଜିକ ପରିବର୍ତ୍ତନ ତଥା ସାମାଜରୁ ସାମାଜିକ କୁବ୍ୟବସ୍ଥା ଗୁଡ଼ିକୁ ଦୂରକରି ନୂତନ ସାମାଜିକ ସୁବ୍ୟବସ୍ଥା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ପାରୁଛି । କେତେକ ସ୍ପର୍ଶକାତର ସମସ୍ୟା ଯଥା ଜାତିବାଦ, ସାଂପ୍ରଦାୟିକତା ବାଦ ଏବଂ ହିସା ଭଳି ସମସ୍ୟାଗୁଡ଼ିକ ବିଷୟରେ ଲୋକମାନଙ୍କୁ ସଚେତନ କରିବା କ୍ଷେତ୍ରରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବେତାର ତଥା ଦୂରଦର୍ଶନ ଭଳି ସମ୍ବାଦ ସଂସ୍ଥାଗୁଡ଼ିକ ଜରିଆରେ ଜନସାଧାରଣ ସରକାରଙ୍କ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ନିଜ ନିଜର ମତ ପ୍ରଦାନ କରିପାରନ୍ତି ।



Notes

## ୨୧.୩.୪ ସିନେମା (ଚଳଚିତ୍ର)

ସିନେମା ମନୋରଞ୍ଜନ ଏବଂ ସଚେତନତା ବୃଦ୍ଧି ଦିଗରେ ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟକରେ । ବୌଦ୍ଧିକ ଚେତନା ତଥା କଳାତ୍ମକ ସୃଜନଶୀଳତା ବୃଦ୍ଧିର ଆବଶ୍ୟକତା ସବୁକୁ ସିନେମା ପୂରଣ କରିଥାଏ । ଏହା ସମାଜରେ ଥିବା ସାମାଜିକ ଏବଂ ରାଜନୈତିକ ସମସ୍ୟାଗୁଡ଼ିକୁ ବିଶ୍ଳେଷଣ କରିବା ସହ ନୂତନ ଚିନ୍ତା ଓ ଚେତନା ବୃଦ୍ଧି ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ । କାହାଣୀ ଭତ୍ତିକ ତଥା ଡକୁମେଣ୍ଟାରୀ ସିନେମାର ଭୂମିକା ଲୋକମାନଙ୍କ ଉପରେ ପ୍ରାକୃତିକ ପ୍ରଭାବ ପକାଇଥାଏ । ଅଶିକ୍ଷିତ ଲୋକମାନଙ୍କ ମନରେ ମଧ୍ୟ ପ୍ରଭାବ ବୃଦ୍ଧିରେ ସିନେମା ସହାୟକ ହୋଇଥାଏ ।

## ୨୧.୩.୫ ସର୍ବସାଧରଣ ସଭା ସମିତି :

ସଭା ସମିତି, ସମାବେଶ ଇତ୍ୟାଦି ଏକ ବଳିଷ୍ଠ ମାଧ୍ୟମ ରୂପେ ବିଭିନ୍ନ ସାମାଜିକ ସାଂସ୍କୃତିକ, ବୌଦ୍ଧିକ ଓ ରାଜନୈତିକ କାର୍ଯ୍ୟକଳାପ ସଂକ୍ରାନ୍ତୀୟ ଜନମତ ସୃଷ୍ଟିରେ ମଧ୍ୟ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ । ସଭାସମିତିରେ ଜନସାଧାରଣଙ୍କୁ ନିଜର ବକ୍ତବ୍ୟ, ଆଲୋଚନା ଚକ୍ର ସମ୍ମିଳନୀ ମାଧ୍ୟମରେ ଜନମାନସକୁ ପ୍ରଭାବିତ କରାଯାଇପାରେ । ଏହାଦ୍ୱାରା ବ୍ୟକ୍ତିର ବ୍ୟକ୍ତିଗତ ଏବଂ ଆବେଗ ତଥା ବଂଧନକୁ ପ୍ରଭାବିତ କରି ଏକ ସକାରାତ୍ମକ ତଥା ସୁସ୍ଥ ପଦକ୍ଷେପ ଗ୍ରହଣ କରିବାକୁ ଚେଷ୍ଟା କରାଯାଇଥାଏ ।

## ୨୧.୩.୬ ରାଜନୈତିକ ଦଳ ଏବଂ ସେମାନଙ୍କ କାର୍ଯ୍ୟକଳାପ :


ରାଜନୈତିକ ଦଳ ଗୁଡ଼ିକ ଜନମତ ସୃଷ୍ଟି କରିବା ସହ ଜନତାଙ୍କ ସଂଗଠିତ କରିବାରେ ପ୍ରମୂଖ ଭୂମିକା ଗ୍ରହଣ କରିଥାଏ । ଜନମତକୁ ପ୍ରଭାବିତ କରିବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ଜନସାଧାରଣଙ୍କୁ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ସଚେତନ କରାନ୍ତି ନାହିଁ ବରଂ ଲୋକମାନଙ୍କ ମଧ୍ୟରେ ସାଧାରଣ ସମସ୍ୟା ସଂପର୍କରେ ରାଜନୈତିକ ସଚେତନତା ବୃଦ୍ଧି ନିମନ୍ତେ ଚେଷ୍ଟା କରିଥାନ୍ତି । ସେମାନେ ବିଭିନ୍ନ ପ୍ରକାର ପତ୍ରପତ୍ରିକା, ପାମ୍ପଲେଟ୍, ଲିଫ୍‌ଲେଟ୍, ସୁଦୃଶ୍ୟ ତୋରଣ ଏବଂ ପୋଷ୍ଟର ପ୍ରଭୃତି ଜରିଆରେ ଜନମତକୁ ନିଜ ସପକ୍ଷରେ ଆଣିବାକୁ ଚେଷ୍ଟା କରନ୍ତି ।

## ୨୧.୩.୭ ଜନମତ ସଂଗ୍ରହ :

ମତଦାନ ଜରିଆରେ ଜନମତ ଗଠନ କରିବା ସୁବିଧା ଜନକ ହୋଇଥାଏ । ମତଦାନ ଦ୍ୱାରା ବିଭିନ୍ନ ସାମାଜିକ, ରାଜନୈତିକ, ସାଂସ୍କୃତିକ ତଥା ଅର୍ଥନୈତିକ ସମସ୍ୟା ଉପରେ ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ବିଷୟରେ ମତ ସଂଗ୍ରହ ସହଜ ହୋଇଥାଏ । ଅନେକଙ୍କ ମଧ୍ୟରୁ ନିର୍ବାଚିତ ପ୍ରତିନିଧି ବାଛିବା ପ୍ରଣାଳୀ ନିର୍ଦ୍ଦିଷ୍ଟ ବୃତ୍ତିଧାରୀ ସଂସ୍ଥା ଜରିଆରେ କରାଯାଇଥାଏ । ବିଳମ୍ବରେ ହେଲେ ମଧ୍ୟ ଏହା ଅତି ଦରକାରୀ ଏବଂ ଜନପ୍ରିୟ ପଦ୍ଧତିରୂପେ ଜନସାଧାରଣଙ୍କ ମତ ବୁଝି ବିଶ୍ଳେଷଣ କରିବା ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରିପାରିଛି । ଅନେକ ସମୟରେ ମତାମତ ସଂଗ୍ରହର ଫଳାଫଳ ଅନୁମାନ ଭିତ୍ତିକ ହୋଇପାରେ ନାହିଁ । କିନ୍ତୁ ଏହା ସତ୍ୟ ଯେ ଜନମତ ସୃଷ୍ଟିର ପ୍ରମୁଖ ମାଧ୍ୟମ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

## ୨୧.୩.୮ ଶିକ୍ଷାନୁଷ୍ଠାନ :

ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଶିକ୍ଷିତ କ୍ଲବ, ସାହିତ୍ୟ ସମାଜ, ଗ୍ରନ୍ଥାଗାର ଇତ୍ୟାଦି ଜନମତର ଅନ୍ୟତମ ମାଧ୍ୟମ ଅଟନ୍ତି । ଏଗୁଡ଼ିକ ଜନମତକୁ ଅନେକ ମାତ୍ରାରେ ପ୍ରଭାବିତ କରିଥାନ୍ତି । ଯୁବକଯୁବତୀ ମାନଙ୍କୁ କୈଶୋର ଅବସ୍ଥାରେ ଶିକ୍ଷାନୁଷ୍ଠାନ ମାଧ୍ୟମରେ ପ୍ରଭାବିତ କରାଯାଇପାରେ । ସେଥିପାଇଁ ଉପଯୁକ୍ତ ତାଲିମ୍ ପ୍ରଦାନ ନିମନ୍ତେ ଏହି ବୟସର ଯୁବପିଢ଼ୀଙ୍କୁ ପ୍ରଭାବିତ କରିବା ଉଚିତ । ବିଭିନ୍ନ ପ୍ରକାର ତର୍କ ମାଧ୍ୟମରେ ପ୍ରଖ୍ୟାତ





ନେତା ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ୍‌ମାନେ ଶିକ୍ଷାଗ୍ରହଣକାରୀମାନଙ୍କ ମନରେ ନେତୃତ୍ୱ ବୃଦ୍ଧିର ଶୈଳୀ ସୃଷ୍ଟିରେ ସହାୟକ ହୋଇଥାନ୍ତି । ଡ୍ରାମା, ଆଲୋଚନା ଚକ୍ର, ଛବି ଅଙ୍କନ ଏବଂ ସ୍ଲୋଗାନ୍ ଲେଖା ପ୍ରତିଯୋଗିତା ମାଧ୍ୟମରେ ଦୃଢ଼ ଏବଂ ସ୍ୱର୍ଶକାତର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜାତୀୟ ତଥା ଆନ୍ତର୍ଜାତୀୟ ସମସ୍ୟା ବିଷୟରେ ଧାରଣା ସୃଷ୍ଟିକରିବାରେ ଏହି ସଂସ୍ଥା ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଜନମତ ସୃଷ୍ଟିପାଇଁ କେତେଗୁଡ଼ିଏ ସୀମିତତା ରହିଥାଏ । ସାଧାରଣତଃ ଜନସାଧାରଣ ସେମାନଙ୍କ ସ୍ଥାନୀୟ ତଥା ଜାତୀୟ ସମସ୍ୟା ବିଷୟରେ ସଚେତନ ହୋଇଥାନ୍ତି । ସେମାନେ ଉପଯୁକ୍ତ ବିଚାର ଓ ତର୍କ ମାଧ୍ୟମରେ ସର୍ବସମ୍ମତ ସିଦ୍ଧାନ୍ତରେ ଉପନୀତ ହୋଇପାରନ୍ତି । ସେମାନଙ୍କ ମତାମତ ନିର୍ବାଚନ ଏବଂ ମତଦାନ ଦ୍ୱାରା ପ୍ରତିଫଳିତ ହୁଏ । ସରକାରଙ୍କୁ ନିଜ ପରିସୀମା ମଧ୍ୟରେ ରହି, ସାମାଜିକ ଓ ନୈତିକ ସୀମା ମଧ୍ୟରେ ଆଇନପ୍ରଣୟନ କରିବାପାଇଁ ଜନମତ ସହାୟକ ହୋଇଥାଏ । ଅତଏବ ଏହା ହେଉଛି କାର୍ଯ୍ୟରେ ଆଗ୍ରହ ଥିବା ଜନସାଧାରଣଙ୍କ ମତ ।

ଜନମତ ଭିନ୍ନ ଭିନ୍ନ ମତ ତଥା ବହୁବିଧ ମତର ସମାହାର ଅଟେ । ବେଳେବେଳେ ଏହାକୁ ଅତି ହାଲୁକା ଭାବରେ ଗ୍ରହଣ କରାଯାଇଥାଏ । ଏହାର ଉପଯୁକ୍ତ ତର୍ଜମା ଆବଶ୍ୟକ । ମତାମତ ଅପେକ୍ଷା ଏହାର ତର୍ଜମାରେ ଅନେକ ତ୍ରୁଟି ରହିଥାଏ । ବେଳେ ବେଳେ ମତାମତର ସାମ୍ପୁଲ ଠିକ୍ ନଥାଏ । ଆଧୁନିକ ମିଳିତ ସମାଜରେ ଲୋକମାନେ ଶୁଣିବା, ପଢ଼ିବା ଏବଂ ଦେଖିବା ଦ୍ୱାରା, ମିଥ୍ୟା ଅପେକ୍ଷା ସତ୍ୟକୁ ସନ୍ଧାନ କରିବା କଷ୍ଟକର ହୋଇଥାଏ । ସେଥିପାଇଁ ବେଳେ ବେଳେ ସମ୍ବାଦ ଏବଂ ପ୍ରକୃତ ଜିନିଷ ମଧ୍ୟରେ ପ୍ରାକୃତିକ ବୈଷମ୍ୟ ବାରିବା କଷ୍ଟକର ହୋଇଥାଏ । ତଥାପି ପ୍ରକୃତ ସତ୍ୟ ଜନମତ ସୃଷ୍ଟି କରି ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାରେ ସହାୟକ ହୋଇଥାଏ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୧.୩

**୧। ଠିକ୍ ଉତ୍ତରରେ ଠିକ୍ (✓) ଚିହ୍ନ ଦିଅ ।**

(କ) ଘର ଏବଂ ପରିବାର ଜନମତ ଗଠନର ଅପ୍ରାକୃତିକ ମାଧ୍ୟମ ଅଟନ୍ତି । (ସତ୍ୟ / ମିଥ୍ୟା)

(ଖ) ଜନମତ ଭିନ୍ନ ଭିନ୍ନ ମତକୁ ପ୍ରତିଫଳିତ କରେ । (ସତ୍ୟ / ମିଥ୍ୟା)

(ଗ) କୈଶୋର ଅବସ୍ଥାରେ ଅନ୍ୟମାନଙ୍କ ମତଦ୍ୱାରା ପ୍ରଭାବିତ ହେବାର ଅବକାଶ ନଥାଏ । (ସତ୍ୟ/ମିଥ୍ୟା)

(ଘ) ମତାମତ ସଂଗ୍ରହ ଦ୍ୱାରା ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ମାପକ ରୂପେ କାର୍ଯ୍ୟ କରିଥାଏ । (ସତ୍ୟ / ମିଥ୍ୟା)

(ଙ) ବୈଦ୍ୟୁତିକ ଗଣମାଧ୍ୟମ ସାମାଜିକ ଜୀବନର ପ୍ରତିଛବି ରୂପେ କାର୍ଯ୍ୟକରେ । (ସତ୍ୟ / ମିଥ୍ୟ)

(ଚ) ଜନସାଧାରଣ ସ୍ଥାନୀୟ ଏବଂ ଜାତୀୟ ସମସ୍ୟା ଉପରେ ଆଗ୍ରହ ପ୍ରକାଶ କରନ୍ତି ନାହିଁ । (ସତ୍ୟ/ମିଥ୍ୟା)

**୨। ଶୂନ୍ୟସ୍ଥାନ ପୂରଣ କର ।**

(କ) ବେତାର ଏବଂ ଦୂରଦର୍ଶନ ________ ଲୋକମାନଙ୍କ ସଂଗଠିତ ମତ ସୃଷ୍ଟିହବାର ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । (ଶିକ୍ଷିତ / ଅଶିକ୍ଷିତ)

(ଖ) ଚଳଚିତ୍ର ଏବଂ ଡକୁମେଣ୍ଟରୀ ଛବି ଗୁଡ଼ିକର ________ ପ୍ରଭାବ ଜନସାଧାରଣଙ୍କ ଉପରେ ପଡ଼ିଥାଏ । (ପ୍ରାକୃତିକ / ଅପ୍ରାକୃତିକ)

(ଗ) ସାଧାରଣ ସଭା ବକ୍ତା ଏବଂ ________ ମଧ୍ୟରେ ବ୍ୟକ୍ତିଗତ ପରିଚୟ ସୃଷ୍ଟି କରେ । (ଦର୍ଶକ / ଶ୍ରୋତା)

## ୨୧.୪. ଉପଯୁକ୍ତ ଜନମତ ଗଠନର ପ୍ରତିବଂଧକ

ସେତେବେଳ ପର୍ଯ୍ୟନ୍ତ ଜନମତ ଜନସାଧାରଣଙ୍କ ମତରେ ପ୍ରତିବିମ୍ବ ବୋଲି କୁହାଯାଇ ପାରିବ ନାହିଁ ଯେତେବେଳ ପର୍ଯ୍ୟନ୍ତ ନିମ୍ନଲିଖିତ ପ୍ରତିବଂଧକଗୁଡ଼ିକ ଦୂର ହୋଇ ନାହିଁ ।

**(କ) ଅସ୍ୱାଭାବିକ ଦୃଷ୍ଟିଭଙ୍ଗୀ :** ସାଧାରଣତଃ ଲୋକମାନେ ନିଜକୁ ରାଜନୈତିକ କାର୍ଯ୍ୟକଳାପଠାରୁ ଦୂରେଇ ରଖିବାରେ ଆଗ୍ରହ ପକାଶ କରିଥାନ୍ତି । ସେମାନେ ଭାବନ୍ତି ରାଜନୈତିକ ନିଷ୍ପତ୍ତି ଗ୍ରହଣରେ ସେମାନଙ୍କ ମତର କୌଣସି ଆବଶ୍ୟକତା ନଥାଏ ବୋଲି । କିନ୍ତୁ ଏପରି ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣି ଏକ ସହଯୋଗୀ ବ୍ୟବସ୍ଥା ସୃଷ୍ଟିର ଆବଶ୍ୟକତା ବେଶୀ । ଜନସାଧାରଣ ସେମାନଙ୍କ ଦେଶର ମୌଳିକ ସମସ୍ୟା ଗୁଡ଼ିକ ବିଷୟରେ ଅନୁପ୍ରାଣିତ ହେବା ବାଞ୍ଛନୀୟ । ମୁଖ୍ୟତଃ ସେମାନେ ଦେଶର ଏକତା, ଅଖଣ୍ଡତା ଏବଂ ବିକାଶ ଦିଗରେ ନିଜକୁ ଅନୁପ୍ରାଣିତ କରିବା ଆବଶ୍ୟକ ।

**(ଖ) ନିରକ୍ଷରତା :** ଶିକ୍ଷିତ ଏବଂ ପ୍ରଜ୍ଞାଦିପ୍ତ ଜନସାଧାରଣ ସାଧାରଣତଃ ଉପଯୁକ୍ତ ନାଗରିକ ଓ ମତଦାତା ହୋଇଥାନ୍ତି । ଅପରପକ୍ଷରେ ନିରକ୍ଷର ଲୋକମାନଙ୍କର ସୀମିତ ଜ୍ଞାନ ଯୋଗୁଁ ସେମାନେ ରାଜନୈତିକ ସମସ୍ୟାକୁ ଠିକ୍ ଭାବରେ ବୁଝିପାରନ୍ତି ନାହିଁ । ସେମାନେ ଭାବାବେଗ ଦ୍ୱାରା ପ୍ରଭାବିତ ହୋଇ ଜ୍ଞାନେଦୀପ୍ତ ଏବଂ ସର୍ବଜନ ବିଦିତ ମତ ଗଠନ କରିବାରେ ଅକ୍ଷମ ଅଟନ୍ତି । ଅଜ୍ଞତା ଓ ନିରକ୍ଷରତା ଏକ ସାମାଜିକ କଳଙ୍କ ଅଟେ । ଜ୍ଞାନ ଏବଂ ଶିକ୍ଷାର ଉପସ୍ଥିତି ଦ୍ୱାରା ଏକ ସୁସ୍ଥ ପରିବେଶ ସୃଷ୍ଟି ହେଲେ ସଂଗଠିତ ଜନମତ ସୃଷ୍ଟି ହୋଇପାରେ ।

**(ଗ) ଦାରିଦ୍ରତା :** ଗରିବ ଲୋକମାନେ ସାଧାରଣତଃ ରାଜନୀତିରୁ ନିଜକୁ ଅଲଗା ରଖିବାକୁ ପସନ୍ଦ କରନ୍ତି । ସେମାନଙ୍କର ସାଧାରଣ ସମସ୍ୟା ସମ୍ପର୍କରେ ଭାବିବାକୁ ସମୟ ନଥାଏ । ସେମାନେ ବଡ଼ ବଡ଼ ରାଜନୈତିକ ନେତାମାନଙ୍କ ଲମ୍ବା ଲମ୍ବା ଭାଷଣରେ ପ୍ରଭାବିତ ହୋଇ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ମତକୁ ସାବସ୍ତ୍ୟ କରନ୍ତି କିମ୍ବା ସେମାନଙ୍କ ଦ୍ୱାରା ବିକ୍ରି ହୋଇ ନିଜର ମତପ୍ରଦାନ କରନ୍ତି । ସରକାରୀ ବେସରକାରୀ ସଂସ୍ଥା ଏବଂ ଚାପଗୋଷ୍ଠୀ ଗୁଡ଼ିକ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଲେ ଜନମତ ଦୃଢ଼ ହୋଇପାରିବ । ସାମାଜିକ ସମ୍ପର୍କର ସୁଷମ ବଣ୍ଟନ ଏବଂ ଧନୀ ଦରିଦ୍ର ମଧ୍ୟରେ ପାର୍ଥକ୍ୟ ଦୂର କରାଯାଇପାରିଲେ ଦାରିଦ୍ର୍ୟ ଦରୀକରଣ ସମ୍ଭବ ହୋଇ ସୁସ୍ଥ ଏବଂ ସଂଗଠିତ ଜନମତ ସୃଷ୍ଟି ହୋଇପାରିବ ।

**(ଘ) ବିଭିନ୍ନ ଜାତି ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଭାବ ଏବଂ ଅସଂହତି :** ଜନସାଧାରଣ ଏବଂ ରାଜନୈତିକ ଦଳଗୁଡ଼ିକ ଜାତିବାଦ ଏବଂ ସାମ୍ପ୍ରଦାୟିକବାଦ ପରି ଭାବାବେଗରୁ ନିଜକୁ ନିବୃତ୍ତ ରଖି ପାରିଲେ ଗଣତନ୍ତ୍ରର ବିକାଶ ସମ୍ଭବ ହେବା ସଙ୍ଗେ ସଙ୍ଗେ ଦୃଢ଼ ଜନମତ ଗଠିତ ହୋଇପାରିବ । ପରସ୍ପର ମଧ୍ୟରେ ଥିବା ଧାର୍ମିକ ତଥା ସାମ୍ପ୍ରଦାୟିକତା ରୂପକ ପ୍ରାଚୀର ହଟାଇଯାଇ ପାରିଲେ ଧର୍ମ ଏବଂ ରାଜନୀତି ଅଲଗା ହୋଇପାରିବ ଏବଂ ସମାଜରେ ସାମାଜିକ ସଂହତି ପ୍ରତିଷ୍ଠା ସହ ଏକ ସୁସ୍ଥ ଓ ସଂଗଠିତ ଜନମତ ସୃଷ୍ଟି ହେବାର ପରିସ୍ଥିତି ସୃଷ୍ଟି ହେବ ।

**(ଙ) ନିୟନ୍ତ୍ରିତ ସମ୍ବାଦପତ୍ର ଏବଂ ପତ୍ରପତ୍ରିକା :** ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ନିରପେକ୍ଷ ଏବଂ ସ୍ୱାଧୀନ ସମ୍ବାଦପତ୍ର ତଥା ଗଣମାଧ୍ୟମ ସୁସ୍ଥ ଓ ସଂଗଠିତ ଜନମତ ସୃଷ୍ଟିରେ ସହାୟକ ହୋଇଥାଏ । ଏହା ଧାର୍ମିକ ପୁଞ୍ଜିପତି ଅଥିବା ଆଞ୍ଚଳିକ ସ୍ୱାର୍ଥ ଦ୍ୱାରା ପ୍ରଭାବିତ ହେବା ଉଚିତ୍ ନୁହେଁ । ସମ୍ବାଦପତ୍ର ମୁକ୍ତ ଏବଂ ନିର୍ଭିକ ତଥା ସତ୍ୟ ଉପରେ ଆଧାରିତ ହେଲେ ସତ୍ୟ ଏବଂ ନିରପେକ୍ଷ ସମ୍ବାଦପତ୍ର ପ୍ରକାଶ ପାଇ ପାରିବ ଏବଂ ତାକୁ ଆଧାରକରି ଦୃଢ଼ ଜନମତ ସୃଷ୍ଟି ହୋଇପାରିବ ।